











***Sponsored by:***
ICAR-Indian Institute of Agricultural Biotechnology, Ranchi
Under SCSP Programme

***Published by :***
Krishi Vigyan Kendra, Angul
kvk.angul@ouat.ac.in
kvkangul.ouat@gmail.com

Printed at : Ankita Graphics, Bhubaneswar.
saroj77337@gmail.com / Ph : 9437077337

3034030234

OUAT Publication:
No. 2024030234

### ଭୂମିହୀନ ଚାଷୀମାନଙ୍କ ପାଇଁ ଚାଷ ବେଉସା

# ରଙ୍ଗୀନ ମାଛ ଚାଷ



ଆଲେଖ୍ୟ: ଶ୍ରୀମତୀ ରଶ୍ମୀପ୍ରଭା ମିଶ୍ର
(ମତ୍ସ୍ୟବିଜ୍ଞାନ)

ସହ ସଂପାଦିକା: ଶ୍ରୀମତୀ ସୋନିତାରାଣୀ ସେଠୀ
ବିଷୟବସ୍ତୁ ବିଶେଷଜ୍ଞା (କୃଷି ସଂପ୍ରସାରଣ)

ମୁଖ୍ୟ ସମ୍ପାଦକ: ଡ. ଦେବାଶିଷ ମିଶ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୂମିହୀନ ଚାଷୀମାନଙ୍କ ପାଇଁ ଚାଷ ବେଉସା

# ରଙ୍ଗୀନ ମାଛ ଚାଷ


ଆଲେଖ୍ୟ

ଶ୍ରୀମତୀ ରଶ୍ମୀପ୍ରଭା ମିଶ୍ର

(ମତ୍ସ୍ୟବିଜ୍ଞାନ)

ସହ ସଂପାଦିକା

ଶ୍ରୀମତୀ ସୋନିତାରାଣୀ ସେଠୀ

ବିଷୟବସ୍ତୁ ବିଶେଷଜ୍ଞା (କୃଷି ସଂପ୍ରସାରଣ)

ମୁଖ୍ୟ ସମ୍ପାଦକ

ଡ. ଦେବାଶିଷ ମିଶ୍ର

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା

## ସଂପ୍ରସାରଣ ପୁସ୍ତିକା ୨୦୨୩-୨୪

# ଭୂମିହୀନ ଚାଷୀମାନଙ୍କ ପାଇଁ ଚାଷ ବେଉସା
# 'ରଙ୍ଗୀନ ମାଛ ଚାଷ'

ଆଲେଖ୍ୟ
ଶ୍ରୀମତୀ ରଶ୍ମିପ୍ରଭା ମିଶ୍ର
(ମତ୍ସ୍ୟବିଜ୍ଞାନ)

ସହ ସଂପାଦିକା
ଶ୍ରୀମତୀ ସୋନିକତାରାଣୀ ସେଠୀ
ବିଷୟବସ୍ତୁ ବିଶେଷଜ୍ଞା (କୃଷି ସଂପ୍ରସାରଣ)

ସଂପାଦନା
**ଡ. ଦେବାଶିଷ ମିଶ୍ର**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ପ୍ରକାଶକ :
କୃଷି ବିଜ୍ଞାନ କେନ୍ଦ୍ର
ଅନୁଗୋଳ, ଓଡ଼ିଶା

ମୁଦ୍ରଣ :
ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By**
**Mrs. Rasmi Prabha Mishra**
(Fishery Science)

**Asst. Editer**
**Smt. Sonitarani Sethi**
SMS (Agril.Extension)

**Chief Editer**
**Dr. Debasish Mishra**
Sr. Scientist and Head
KVK, Angul

**Sponsored by:**
ICAR-Indian Institute of
Agricultural Biotechnology, Ranchi
Under SCSP Programme

**Published by :**
Krishi Vigyan Kendra, Angul
kvk.angul@ouat.ac.in
kvkangul.ouat@gmail.com

**Printed at :**
Ankita Graphics, Bhubaneswar.
saroj77337@gmail.com
Ph : 9437077337

# ରଙ୍ଗୀନ ମାଛ ଚାଷ

ଆମ ଦେଶରେ ବୃଦ୍ଧି ପାଉଥିବା ଜନସଂଖ୍ୟାର ତାଳେତାଳେ ସୃଷ୍ଟି ହୋଇଥିବା ବେକାରୀ ସମସ୍ୟାକୁ କିଛି ପରିମାଣରେ ଲାଘବ କରିବା ପାଇଁ ରଙ୍ଗୀନ ମାଛ ଚାଷ ଏକ ନୂତନ ଦିଗନ୍ତ। ଯଦି ଆମ ଦେଶର ବେକାର ଯୁବକ ଯୁବତୀମାନେ ଏହି ରଙ୍ଗୀନ ମାଛ ଚାଷ ବିଷୟରେ ଜ୍ଞାନକୌଶଳ ଆହରଣ କରନ୍ତି, ତେବେ ସେମାନେ ନିଶ୍ଚୟ ସ୍ୱାବଲମ୍ବୀ ହୋଇ ନିଜ ପରିବାରର ଆର୍ଥିକ ଉନ୍ନତି କରିବା ସଙ୍ଗେସଙ୍ଗେ ଆମ ଦେଶର ଆର୍ଥିକ ମାନଦଣ୍ଡକୁ ମଧ୍ୟ ସୁଦୃଢ଼ କରିପାରିବେ। ଗ୍ରାମାଞ୍ଚଳର ମହିଳାମାନେ ନିଜ ପରିବାରର ଦେଖାରଖା କରିବା ସହିତ ନିଜ ନିଜର ଅଗଣା ବା ବାଡ଼ି ବଗିଚାରେ ଛୋଟଛୋଟ ସିମେଣ୍ଟ କୁଣ୍ଡ ପ୍ରସ୍ତୁତ କରି ଏହି ଚାଷ କରିପାରିବେ।

## ରଙ୍ଗୀନ ମାଛ କହିଲେ କ'ଣ ?

ସାଧାରଣତଃ ରଙ୍ଗ ବେରଙ୍ଗୀ ମାଛମାନଙ୍କୁ ରଙ୍ଗୀନ ମାଛ କୁହାଯାଏ। ଶରୀରର ରଙ୍ଗ ବ୍ୟତୀତ ମାଛମାନଙ୍କର ଡେଣା କିମ୍ବା ଲାଞ୍ଜ ଯଦି ରଙ୍ଗ ବେରଙ୍ଗୀ ହୋଇଥାଏ କିମ୍ବା ମାଛର ପ୍ରଜାତି ଅନୁସାରେ ଯଦି ଶରୀର କିମ୍ଭୁତ କିମ୍ବାକାର ହୋଇଥାଏ ତେବେ ଏହାକୁ ମଧ୍ୟ 'ରଙ୍ଗୀନ ମାଛ' ବୋଲି କୁହାଯାଏ।





## ଓଡ଼ିଶାରେ ରଙ୍ଗୀନ ମାଛ ଚାଷର ଆବଶ୍ୟକତା

କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା, ଭୁବନେଶ୍ୱର (ସିଫା) ଉଦ୍ୟମରେ ୨୦୦୩ ମସିହା ଠାରୁ କିଛି ଚାଷୀ ଭାଇ ଓ ଭଉଣୀ ଏହି ମାଛମାନଙ୍କୁ ବ୍ୟବସାୟିକ ଭିତ୍ତିରେ ଚାଷ କରିଆସୁଛନ୍ତି। ସିଫାର ରଙ୍ଗୀନ ମାଛ ବିଭାଗ ଚାଷୀମାନଙ୍କୁ ତାଲିମ୍ ଦେବା ସଙ୍ଗେ ସଙ୍ଗେ ଗାଁ ଗହିଳରେ ଏମାନଙ୍କର ପ୍ରଜନନ ଓ ଲାଳନପାଳନ ବିଷୟରେ ଅବଗତ କରାଇବା

ଫଳରେ ଚାଷୀମାନେ ଅର୍ଥ ଉପାର୍ଜନ କରିବା ପାଇଁ ସକ୍ଷମ ହୋଇପାରିଛନ୍ତି। ଆମ ରାଜ୍ୟରେ ରଙ୍ଗୀନ ମାଛମାନଙ୍କର ଚାହିଦା ଅଧିକ ଥିବାରୁ ଅନ୍ୟ ରାଜ୍ୟ ଯଥା- ଚେନ୍ନାଇ, ମୁମ୍ବାଇ ଓ ଅନ୍ୟ ସ୍ଥାନମାନଙ୍କ ଠାରୁ ଏହି ପ୍ରକାର ମାଛ ରେଳ ବା ବିମାନ ଯୋଗେ ଓଡ଼ିଶା ଆସି ବିକ୍ରି କରାଯାଉଛି। ବିଗତ ୫ ବର୍ଷ ଭିତରେ ଓଡ଼ିଶାରେ ରଙ୍ଗୀନ ମାଛର ବ୍ୟବସାୟ ଓ ଚାହିଦା ଦୁଇଗୁଣ ହୋଇଯାଇଛି। ବର୍ତ୍ତମାନ ଓଡ଼ିଶାରେ ୫୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ରଙ୍ଗୀନ ମାଛ ବ୍ୟବସାୟ ପ୍ରତିଷ୍ଠାନ ଥିବାବେଳେ କେବଳ କଟକ ଓ ଭୁବନେଶ୍ୱରରେ ୨୦ଟି ଛୋଟ ବଡ଼ ଦୋକାନ ଗଢ଼ି ଉଠିଛି। ଏକ ପାର୍ଶ୍ୱରେ ରଙ୍ଗୀନ ମାଛର ଚାହିଦା ଓ ଅପରପାର୍ଶ୍ୱରେ ଏହାର ଉତ୍ପାଦନର ସ୍ୱଚ୍ଛତା ଆମ ସମସ୍ତଙ୍କୁ ଉତ୍ସାହିତ କରୁଛି ଏ ବ୍ୟବସାୟକୁ ଆପଣେଇବା ପାଇଁ। ବିଭିନ୍ନ ସଂସ୍ଥାର ସର୍ବେକ୍ଷଣ ଅନୁଯାୟୀ ଭାରତରେ ପ୍ରାୟ ୧୫-୨୦ କୋଟି ଟଙ୍କାର ରଙ୍ଗୀନ ମାଛ ବ୍ୟବସାୟ ହେଉଥିବାବେଳେ ଓଡ଼ିଶାରେ ଏହି ମାଛର ବ୍ୟବସାୟ ପ୍ରାୟ ବର୍ଷକୁ ଏକ କୋଟି ଟଙ୍କା ଯାଏ ହେଉଛି ବୋଲି ଅନୁମାନ କରାଯାଏ।

## ଘରେ ରଙ୍ଗୀନ ମାଛ କାହିଁକି ରଖିବା ?

ରଙ୍ଗୀନ ମାଛମାନେ ଦେଖିବାକୁ ଏତେ ସୁନ୍ଦର ଯେ ଆକ୍ୱାରିୟମ୍ ଭିତରେ ଏମାନଙ୍କୁ ଦେଖୁଥିବା ବ୍ୟକ୍ତି ଖୁବ୍ ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ବୈଠକ ଘରର ଶୋଭା ଦ୍ୱିଗୁଣିତ ହୋଇଥାଏ। ଘର ଭିତରେ ସୁନ୍ଦର ମାଛମାନଙ୍କର ଉପସ୍ଥିତି ଓ ଏମାନଙ୍କର ସଦା ଆନନ୍ଦ ସନ୍ତରଣ ଗୃହ ପରିବେଶକୁ ଖୁବ୍ ଜୀବନ୍ତ କରିଦିଏ। ଗୃହର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଏହା ମଧ୍ୟ କେତେକ ମାନସିକ ରୋଗୀମାନଙ୍କର ରୋଗ ଉପଶମରେ ସହାୟକ ହୋଇଥାଏ ବୋଲି ମନସ୍ତତ୍ତ୍ୱବିଦ୍‌ମାନେ କହିଥାନ୍ତି। ଆଜିକାଲି ଚୀନ୍ ବାସ୍ତୁଶାସ୍ତ୍ର ଅନୁସାରେ କେତେକ ନିର୍ଦ୍ଦିଷ୍ଟ ରଙ୍ଗର ରଙ୍ଗୀନ ମାଛ ନିଜ ଘରେ ରଖି ଲାଳନପାଳନ କଲେ ପରିବାରର ସଦସ୍ୟମାନଙ୍କର ଉନ୍ନତି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରବିତ୍‌ମାନେ ମତ ଦେଇଛନ୍ତି।

## ରଙ୍ଗୀନ ମାଛର ପ୍ରକାର ଭେଦ ଓ ପ୍ରଜନନ

ରଙ୍ଗୀନ ମାଛମାନଙ୍କର ପ୍ରଜନନ ପ୍ରକାର ଭେଦକୁ ସାଧାରଣତଃ ୨ ଭାଗରେ ବିଭକ୍ତ କରାଯାଇଛି। ଏମାନଙ୍କ ମଧ୍ୟରେ କେତେକ ସିଧାସଳଖ ଛୁଆ ଜନ୍ମ କରୁଥିବାବେଳେ ଅନ୍ୟ କେତେକ ଅଣ୍ଡା ଦେଇଥାନ୍ତି। ଛୁଆ ଦେଉଥିବା ରଙ୍ଗୀନ ମାଛମାନଙ୍କ ପ୍ରଜନନ ସହଜ କିନ୍ତୁ ଏମାନେ ଛୁଆ ଦେଇସାରିବା ପରେ ଛୁଆମାନଙ୍କୁ ଖାଇ ଯାଆନ୍ତି। ତେଣୁ ଛୁଆମାନଙ୍କୁ ମା'ଠାରୁ



ଅଲଗା କରି ରଖିପାରିଲେ ଏ ଚାଷରେ ଅଧିକ ଲାଭ ମିଳିପାରେ। ଏହି ଛୁଆ ଦେଉଥିବା ରଙ୍ଗୀନ ମାଛମାନଙ୍କୁ 'ଲାଇଭ୍ ବିୟରର' ବୋଲି କୁହାଯାଏ। ଏମାନଙ୍କ ମଧ୍ୟରେ ଅଧିକ ପ୍ରଜନନ କରିପାରୁଥିବା ମାଛ ହେଲା ଗପି। ଏମାନଙ୍କ ଦେହର ରଙ୍ଗ ଓ ଲାଞ୍ଜର ଆକୃତି ଅନୁସାରେ ଏମାନଙ୍କୁ ଅନେକ ନାମରେ ନାମିତ କରାଯାଇଛି। ଯଥା: ଭେଲ୍‌ଟେଲ୍, ପିନ୍‌ଟେଲ୍, ଫାନ୍‌ଟେଲ୍ ଓ ସ୍ୱିହରଟେଲ୍ ଇତ୍ୟାଦି। ଆଉ ଏକ ଛୁଆ ଦେଇପାରୁଥିବା ମାଛ ହେଲା ବ୍ଲାକ୍‌ମୋଲି। ଦେଖିବାକୁ ପିଚୁ ପରି କଳାରଙ୍ଗର କିନ୍ତୁ ଖୁବ୍ ସୁନ୍ଦର। ଏମାନଙ୍କ ମଧ୍ୟରେ ଚକୋଲେଟ୍ ମୋଲି, ଧଳା ମୋଲି, ଅରେଞ୍ଜ ମୋଲି, ସେଲ୍‌ଫିନ୍ ମୋଲି, ବେଲୁନ୍ ମୋଲି ଓ ମୁନ୍‌ଟେଲ୍ ମୋଲି ଅନ୍ୟତମ। ଲାଞ୍ଜରେ ଖଣ୍ଡା ସଦୃଶ ବଢ଼ିଥିବା ପକ୍ଷ ଅଣ୍ଡିରା ସୋର୍ଡଟେଲ୍‌ରେ ଦେଖାଯାଏ। ଅନେକ ପ୍ରକାର ଅନେକ ରଙ୍ଗର ସୋର୍ଡଟେଲ୍ ଯଥା: ମାର୍ବଲ୍, ଟସ୍କିଡୋ ଓ ପାଇନାପଲ ଅନ୍ୟତମ। ପ୍ଲାଟି ମାଛଟି ଛୋଟ ହେଲେ ମଧ୍ୟ ଦେଖିବାକୁ ଖୁବ୍ ସୁନ୍ଦର। ପ୍ଲାଟିମାନଙ୍କ ମଧ୍ୟରେ ପିନ୍‌ଟେଲ୍, ରାଉଣ୍ଡ ଟେଲ୍, ଭେଲଟେଲ୍ ଓ ଫ୍ରିଞ୍ଜ ଟେଲ୍ ଅନ୍ୟତମ।

ଅଣ୍ଡା ଦେଉଥିବା ମାଛମାନଙ୍କର ପ୍ରଜନନ ମଧ୍ୟ ଭିନ୍ନ ଭିନ୍ନ। ତେବେ ଅଣ୍ଡା ଦେଇସାରିବା ପରେ ଏମାନେ ମଧ୍ୟ ତାଙ୍କ ଅଣ୍ଡା କିମ୍ବା ଅଣ୍ଡାରୁ ଫୁଟିଥିବା ଛୁଆମାନଙ୍କୁ ଖାଇଯାନ୍ତି। ତେଣୁ ପ୍ରଜନନ ପରେ ମାଛମାନଙ୍କୁ ଉତ୍ତମ ପୁଷ୍ଟିକର ଖାଦ୍ୟ ଯୋଗାଇବା ନିହାତି ଜରୁରୀ। ଅଣ୍ଡା ଦେବା ମାଛମାନଙ୍କ ମଧ୍ୟରେ ଗୋଲ୍ଡ ଫିସ୍, ରଙ୍ଗୀନ୍ କାର୍ପ, (କୋଇ) ପଡିଓ, ରାସବୋରା, ବାର୍ବ, ଟେଟ୍ରା, ଗୌରାମୀ କ୍ୟାଟ୍‌ଫିସ୍ ଓ ଫାଇଟର ଇତ୍ୟାଦି ଅନ୍ୟତମ। ଏମାନଙ୍କ ମଧ୍ୟରେ ଗୋଲ୍ଡ ଫିସ୍‌ର ଚାହିଦା ସବୁବେଳେ ଅଧିକ। ଏମାନଙ୍କ ମଧ୍ୟରେ ଟେଲିସ୍କୋପିକ୍‌ଆଇ, କାଲିକୋ ଗୋଲ୍‌ଡ, ସୁଭୁନ୍‌କିନ୍, ରେଡ୍‌କ୍ୟାପ, ବ୍ରିଷ୍ଟଲ ରେଡ୍, ପଲିସ୍କେଲ୍, ଭେଲଟେଲ୍ ଓ ଲାୟନ ହେଡ୍ ଇତ୍ୟାଦି ଅନ୍ୟତମ। ଏମାନଙ୍କର ପ୍ରଜନନ ଖୁବ୍ ସହଜ। ପୁରୁଷ ଓ ମାଈ ମାଛ

ପ୍ରଜନନକ୍ଷମ ହେଲେ ଏମାନଙ୍କୁ ନେଇ କୁଣ୍ଡରେ ହାଇଡ୍ରିଲା କିମ୍ବା ପ୍ଲାଷ୍ଟିକ ଫିଲାମେଣ୍ଟ ଓ ତନ୍ତୁ ଦେଇ ପ୍ରଜନନ କରାଯାଇପାରେ। ଅଣ୍ଡାଗୁଡ଼ିକ ଅଠାଳିଆ ହୋଇଥିବା ହେତୁ ତନ୍ତୁଗୁଡ଼ିକରେ ଲାଗି ରହିଯାଏ ଓ ପରେ ଏହାକୁ ଅଲଗା କରାଯାଇ ଅନ୍ୟ ଏକ କୁଣ୍ଡରେ ଛୁଆମାନଙ୍କୁ ସଂଗ୍ରହ କରାଯାଇଥାଏ। ଛୁଆଗୁଡ଼ିକ ୩ଦିନ ପରେ ଖାଦ୍ୟ ଖାଇବାକୁ ସକ୍ଷମ ହୋଇଥାନ୍ତି। ଏମାନଙ୍କୁ ରୋଟିଫରଜାତୀୟ କ୍ଷୁଦ୍ର ପ୍ଲବକ କିମ୍ବା ପାଉଡର ଖାଦ୍ୟ ଦିଆଯାଇଥାଏ।

## ରଙ୍ଗୀନ ମାଛମାନଙ୍କର ଖାଦ୍ୟ

(୧) ପ୍ରଥମତଃ ରଙ୍ଗୀନ ମାଛ ଚାଷ କରିବା ପୂର୍ବରୁ ମାଛମାନଙ୍କର ଖାଦ୍ୟ ବିଷୟରେ ଜାଣିବା ଦରକାର। ମାଛମାନେ ପରିବେଶରେ ବିଭିନ୍ନ ପ୍ରକାରର ପ୍ରାକୃତିକ ଖାଦ୍ୟ ଖାଇ ବଞ୍ଚନ୍ତି। ଅନେକ ପ୍ରକାର ଜୀବନ୍ତ କୀଟମାନଙ୍କ ମଧ୍ୟରେ ନାଳ ନର୍ଦ୍ଦମାରେ ଜନ୍ମ ହେଉଥିବା ବ୍ଲଡ୍‌ୱାର୍ମ, ଟ୍ୟୁବିଫେକ୍ସ ଓ ମଶା ଲାର୍ଭା ଇତ୍ୟାଦି ଅନ୍ୟତମ। ଏମାନଙ୍କୁ ପରିବେଶରୁ ସଂଗ୍ରହ କରି ଜୀବାଣୁ ମୁକ୍ତ କରିବା ପରେ ମାଛମାନଙ୍କୁ ଖାଇବାକୁ ଦିଆଯାଇପାରିଲେ ମାଛମାନେ ଖୁବ୍ ହୃଷ୍ଟପୁଷ୍ଟ ହେବା ସଙ୍ଗେସଙ୍ଗେ ଶୀଘ୍ର ପ୍ରଜନନକ୍ଷମ ହୋଇଥାଆନ୍ତି। ଯେଉଁଠାରେ ଉପରୋକ୍ତ କୀଟମାନଙ୍କର ମିଳିବାରେ ଅସୁବିଧା ହୁଏ, ସେଠାରେ ଏକ ନର୍ସରୀ ପୋଖରୀ କରାଯାଇ ଜୁପ୍ଲାଙ୍କଟନ୍ (ଡାଫନିଆ, ମଇନା) ଚାଷ କରି ଓ ପରେ ସେମାନଙ୍କୁ ପ୍ଲାଙ୍କଟନ୍ ଜାଲ ଦ୍ୱାରା ପାଣିରୁ ଛାଣି ମାଛମାନଙ୍କୁ ଖାଇବାକୁ ଦେଇପାରିଲେ ମାଛମାନଙ୍କର ରଙ୍ଗ ଖୁବ୍ ଭଲ ହୋଇଥାଏ।

(୨) ଏହାଛଡ଼ା ଜିଆମାନଙ୍କୁ ମଧ୍ୟ ଛୋଟ ଛୋଟ କରି କାଟି, ଲୁଣ ପାଣିରେ ଧୋଇ ଭଲ କରି ସଫାକରି ଦିଆଯାଇପାରେ।

(୩) ନୂଆ କରି ଅଣ୍ଡାରୁ ଫୁଟିଥିବା ଛୁଆମାନଙ୍କୁ ରୋଟିଫର ଜାତୀୟ ପ୍ଲାଙ୍କଟଡ୍, ଏକକୋଷୀ ପ୍ରାଣୀ (ଇନ୍‌ଫ୍ୟୁସୁରିଆ) ମଧ୍ୟ ଚାଷ କରାଯାଇ ଖାଇବାକୁ ଦିଆଯାଇପାରେ।

(୪) ଏହାଛଡ଼ା ଖୁବ୍ ପୁଷ୍ଟିକର ପାଉଡର ଖାଦ୍ୟ ମଧ୍ୟ ପ୍ରସ୍ତୁତ କରାଯାଇ ଦିଆଯାଇପାରେ। ଛୁଆମାନେ ସାମାନ୍ୟ ବଡ଼ ହେଲେ ଏମାନଙ୍କୁ ବଡ଼ ଜୁପ୍ଲାଙ୍କଟନ୍ (ଡାଫନିଆ, ମଇନା) ଇତ୍ୟାଦି ଓ ପରେ ଏମାନଙ୍କୁ କୃତ୍ରିମ ଖାଦ୍ୟ ପ୍ରସ୍ତୁତ କରି ଦିଆଯାଇପାରେ।

(୫) ଏତଦ୍‌ବ୍ୟତୀତ ଆମ ଆଖପାଖରେ ମିଳୁଥିବା ବାଦାମ ପିଡିଆ, କାଣ୍ଡିଆ କୁଣ୍ଡା, ସରୁ ଚୋକଡ଼, ଶୁଖୁଆ, ଧାନି ଚିଙ୍ଗୁଡ଼ି ଇତ୍ୟାଦିକୁ ଆଣି ଗୁଣ୍ଡ କରି ସନ୍ତୁଳିତ ଆହାର (ପ୍ୟାଲେଟ୍ ଖାଦ୍ୟ) ପ୍ରସ୍ତୁତ କରାଯାଇପାରେ।

# ରଙ୍ଗୀନ ମାଛମାନଙ୍କ ଠାରେ ଦେଖାଯାଉଥିବା ରୋଗ ନିୟନ୍ତ୍ରଣ

(୧) ଅନ୍ୟ ମାଛମାନଙ୍କ ପରି ରଙ୍ଗୀନ ମାଛମାନଙ୍କୁ ମଧ୍ୟ ରୋଗ ହୋଇଥାଏ। ଅନ୍ୟ ମାଛମାନଙ୍କ ଠାରୁ ଏମାନେ ଖୁବ୍ କୋମଳ ଓ ଏମାନଙ୍କର ବଢ଼ିବା ପରିବେଶ ଦୂଷିତ ହେଲେ ଏମାନଙ୍କୁ ଅନେକ ପ୍ରକାର ରୋଗ ହୋଇଥାଏ ଯଥା: ଖାଦ୍ୟ ଅଭାବ ସମ୍ବନ୍ଧୀୟ, କୃମି ଜାତୀୟ, ଫଙ୍ଗାଲ (ଫିମ୍ପି ଜାତୀୟ), ବାକ୍ଟେରିଆଲ ଓ ଭାଇରାଲ ଇତ୍ୟାଦି।

(୨) ଏହାଛଡ଼ା ଜଳର ଉତ୍ତାପ କିମ୍ବା ଜଳର ଯେକୌଣସି ଗୁଣାତ୍ମକ ମୂଲ୍ୟ ହଠାତ୍ ବଦଳିଗଲେ ମାଛମାନଙ୍କୁ ପୀଡ଼ା (ଷ୍ଟ୍ରେସ୍) ହୋଇଯାଏ ଓ ପରେ ମାଛମାନଙ୍କୁ ବିଭିନ୍ନ ପ୍ରକାରର ରୋଗ ହୋଇଥାଏ।

(୩) ନୂଆ କରି ଅନ୍ୟ ସ୍ଥାନରୁ ମାଛ ଆଣିଲେ ସେହି ଜଳରେ ଓ ମାଛମାନଙ୍କ ଦେହରେ ମଧ୍ୟ ରୋଗ ଜୀବାଣୁ ଥିବାର ସମ୍ଭାବନା ଥାଏ। ତେଣୁ ସେମାନଙ୍କୁ ଆଣି ପୋଟାସିୟମ୍ ପରମାଙ୍ଗାନେଟ୍ ଦ୍ରବଣରେ (୧୦ମି.ଗ୍ରା/ଲିଟର) ୫-୧୦ ମିନିଟ୍ ବିଶୋଧନ କରିବା ପରେ ମାଛମାନଙ୍କୁ ଅଲଗା ଏକ କୁଣ୍ଡରେ ୧୫ଦିନ ପାଇଁ ଛଡ଼ାଯାଏ। ପରେ ଏମାନଙ୍କୁ ଚାଷ ପାଇଁ ବ୍ୟବହାର କରାଯାଇଥାଏ।

(୪) ରୋଗ ହୋଇଥିବା ମାଛମାନଙ୍କୁ ଅନ୍ୟ ଭଲ ମାଛମାନଙ୍କ କୁଣ୍ଡରୁ କାଢ଼ିଦେବା ଉଚିତ୍ ଓ ସେଥିରେ ଥିବା ଅନ୍ୟ ମାଛମାନଙ୍କୁ ମଧ୍ୟ ପୋଟାସିୟମ୍ ପରମାଙ୍ଗାନେଟ୍ (୫-୧୦ ମି.ଗ୍ରା/ଲିଟର) ୫-୧୦ମିନିଟ୍ ବା ଲୁଣ ଦ୍ରବଣ (୫ଗ୍ରା./ଲିଟର) ହିସାବରେ ୫-୧୦ ମିନିଟ୍ ପାଇଁ ଜଳରେ ମାଛମାନଙ୍କୁ ବୁଡ଼େଇ ପୁଣି ଅନ୍ୟତ୍ର କୁଣ୍ଡରେ ଭଲ ଜଳରେ ରଖାଯାଇଥାଏ।

(୫) ବେଳେବେଳେ ମାଛମାନଙ୍କୁ ଡ୍ରପସିରୋଗ ମଧ୍ୟ ହୋଇଥାଏ। ଫଳରେ ମାଛର ଦେହ ଫୁଲିଯାଏ, କାତି ସବୁ ଠିଆ ହୋଇଯାଏ ଓ ଶରୀରର ପ୍ରତ୍ୟେକ ଅଂଶରେ ଜଳ ଭରିଯାଏ। ଏଭଳି ମାଛମାନଙ୍କୁ ନିଜ କୁଣ୍ଡରୁ ତୁରନ୍ତ କାଢ଼ି ମାଟିରେ ପୋତି ଦେବା ଉଚିତ୍।

ପ୍ରତ୍ୟେକ ରଙ୍ଗୀନ୍ ମାଛ ୟୁନିଟ୍ ପାଇଁ ବାୟୋଫିଲ୍‌ଟର୍‌ଟିଏ ପ୍ରସ୍ତୁତ କରିବା ଦ୍ୱାରା ମାଛମାନେ ଉନ୍ନତମାନର ଜଳରେ ବଢ଼ିବାର ସୁଯୋଗ ପାଆନ୍ତି ଓ ରୋଗ ଦାଉରୁ ରକ୍ଷା ପାଇପାରନ୍ତି।

## ଟେବୁଲ-୧: ଛୁଆ ଦେଉଥିବା ମାଛମାନଙ୍କ ପ୍ରଜନନ ବୈଷୟିକ ତତ୍କାଳ ସାରଣୀ

| ମାଛର ନାମ | ଲିଙ୍ଗ ନିର୍ଣ୍ଣୟ ପ୍ରଣାଳୀ | ପୁରୁଷ ଓ ମାଇ ମାଛର ଲମ୍ବ | ପ୍ରଜନନ ପାଇଁ ଉପଯୁକ୍ତ ପରିବେଶ | ଗର୍ଭଧାରଣ ସମୟ (ଦିନ) | ଗର୍ଭଧାରଣ କ୍ଷମତା | ଛୁଆମାନଙ୍କ ଖାଦ୍ୟ |
|---|---|---|---|---|---|---|
| ଗପି | ପୁରୁଷ, ମାଇମାଛ ଠାରୁ ଛୋଟ ଓ ପିଠି ପଟ ପକ୍ଷୀ ମାଇମାଛଠାରୁ ବଡ଼। ପୁରୁଷ ମାନଙ୍କର ମଳଦ୍ୱାର ନିକଟରେ 'ଗୋନୋପୋଡିୟମ' ଜନନେନ୍ଦ୍ରୀୟ ଭାବରେ କାର୍ଯ୍ୟ କରିଥାଏ। ପୁରୁଷମାଛ ମାଇମାଛ ଠାରୁ ଦେଖିବାକୁ ସୁନ୍ଦର। | ପୁରୁଷ: ୨.୦-୩.୦ସେମି ମାଇ:୪.୦-୫.୦ ସେମି | ଜଳ ଉତ୍ତାପ ୨୩-୨୮° ସେଣ୍ଟିଗ୍ରେଡ୍, ଜଳର କ୍ଷାରତା-୫୦-୧୦୦ ପିପିଏମ୍ (ମୃଦୁଜଳ) | ୨୧-୩୫ | ୨୦-୧୦୦ | ଛୋଟ ପ୍ଲବକ (ଜୁପ୍ଲାଙ୍କଟନ୍) କିମ୍ବା ପ୍ରସ୍ତୁତ କରାଯାଇଥିବା ପାଉଡ଼ର ଖାଦ୍ୟ (ବାଦାମ ପିଡ଼ିଆ, (ବାଦାମ ଗହମ, ସରୁ ଚୋକଡ଼, ଶୁଖୁଆ ଗୁଣ୍ଡରୁ ପ୍ରସ୍ତୁତ |
| ପ୍ଲାଟି | ପୁରୁଷ, ମାଇମାଛ ଠାରୁ ଛୋଟ ଏବଂ ଲମ୍ୱା। ପୁରୁଷମାଛର ଜନନେନ୍ଦ୍ରୀୟକୁ 'ଗୋନୋପୋଡିୟମ' କୁହାଯାଏ। ମାଇ ମାଛର ପେଟ ଗୋଲାକାର | ପୁରୁଷ: ୩.୦-୪.୦ସେମି ମାଇ: ୪.୦-୫.୦ ସେମି | ଜଳ ଉତ୍ତାପ ୨୩-୨୮° ସେଣ୍ଟିଗ୍ରେଡ୍, ଜଳର କ୍ଷାରତା-୫୦-୧୦୦ ପିପିଏମ୍ (ମୃଦୁଜଳ) | ୨୮-୪୨ | ୨୦-୮୦ | " |
| ସୋର୍ଡ ଟେଲ୍ | ପୁରୁଷ, ମାଇଠାରୁ ପତଳା, ପୁରୁଷର ଜନନେନ୍ଦ୍ରୀୟକୁ 'ଗୋନୋପୋଡିୟମ' କୁହନ୍ତି, ପୁରୁଷ ଲାଞ୍ଜର ଉଭୟ ପାର୍ଶ୍ୱ ଖଣ୍ଡା ସଦୃଶ। ମାଇର ପେଟ ଗୋଲାକାର | ପୁରୁଷ: ୬.୦-୭.୦ସେମି ମାଇ: ୭.୦-୧୦.୦ ସେମି | ଜଳ ଉତ୍ତାପ ୨୩-୨୮° ସେଣ୍ଟିଗ୍ରେଡ୍, ଜଳର କ୍ଷାରତା-୫୦-୧୦୦ ପିପିଏମ୍ (ମୃଦୁଜଳ) | ୨୮-୪୨ | ୨୦-୮୦ | " |
| ବ୍ଲାକ୍ ମୋଲି | ପୁରୁଷ, ପିଠିପଟ ଡେଣା ଲମ୍ୱା, ଶରୀର ପତଳା ଓ ଲମ୍ୱା, ଜନନେନ୍ଦ୍ରୀୟକୁ 'ଗୋନୋପୋଡିୟମ' କୁହନ୍ତି। ମାଇମାଛ ପେଟ ଗୋଲାକାର ଓ ପୁରୁଷଠାରୁ ବଡ଼। | ପୁରୁଷ: ୫.୦-୭.୦ସେମି ମାଇ: ୭.୦-୧୦.୦ ସେମି | ଜଳ ଉତ୍ତାପ ୨୩-୨୮°C ଗୋଡ଼ା ଲୁଣ ୦.୫-୧.୦ ଗ୍ରାମ୍/ଲିଟର ପାଣିରେ ଦେଇ ପ୍ରଜନନ କରାଇ ପାରିବେ। | ୪୦-୮୦ | ୩୦-୭୦ | " |

# ଛୁଆ ଜନ୍ମ କରୁଥିବା ରଙ୍ଗୀନ ମାଛର ଆୟ-ବ୍ୟୟ

## କ) ସ୍ଥାୟୀ ବା ଉନ୍ନୟନ ଖର୍ଚ୍ଚ

| | |
|---|---|
| ୧. ଜମି (୫୦୦ ବର୍ଗଫୁଟ) | - |
| ୨. ନଡ଼ା ଛପର ଘର (ବାଉଁଶ, ବତା, ନଡ଼ା)୫୦୦ ବର୍ଗଫୁଟ | ୧୦,୦୦୦.୦୦ |
| ୩. ପ୍ରଜନନ ସିମେଣ୍ଟ କୁଣ୍ଡ (୬ x ୩ x ୧.୫ ଫୁଟ) ଟ.୨,୫୦୦ ହିସାବରେ ୪ଟି | ୧୦,୦୦୦.୦୦ |
| ୪. ପ୍ରଜନନକ୍ଷମ ମାଛମାନଙ୍କ ସିମେଣ୍ଟ କୁଣ୍ଡ (୬ x ୪ x ୨ ଫୁଟ) ଟ.୨,୮୦୦ ହିସାବରେ ୪ଟି | ୧୧,୨୦୦.୦୦ |
| ୫. ଛୁଆଙ୍କ ଲାଳନପାଳନ କୁଣ୍ଡ (୪x୧.୫x୧.୫ ଫୁଟ) ଟ.୧,୦୦୦ ହିସାବରେ ୧୦ଟି | ୧୦,୦୦୦.୦୦ |
| ୬. ବୋରୱେଲ, ୧ ଏଚ୍.ପି. ପମ୍ପସେଟ୍ ଓ ବୈଦ୍ୟୁତିକରଣ | ୧୦,୦୦୦.୦୦ |
| ୭. ଅମ୍ଳଜାନ ସିଲିଣ୍ଡର ଓ ଅନ୍ୟାନ୍ୟ ଉପକରଣ | ୫,୦୦୦.୦୦ |
| ୮. ବୈଦ୍ୟୁତିକରଣ ଓ ସରଞ୍ଜାମ (ତାର, ବଲବ୍ ଓ ୱେରିଙ୍ଗ୍ ଇତ୍ୟାଦି) | ୨,୦୦୦.୦୦ |
| **ମୋଟ** | **୫୮,୨୦୦.୦୦** |

## ଖ) ପୌନଃପୁନିକ ଖର୍ଚ୍ଚ:

| | |
|---|---|
| ୧. ମାଛ (ମୋଲି, ସୋର୍ଡଟେଲ୍, ପ୍ଲାଟି ଓ ଗପି) ୮୦୦ଟି ପ୍ରଜନନକ୍ଷମ ମାଈ ଓ ୨୦୦ଟି ପୁରୁଷ ମାଛ ଟ.୩.୦୦ (ଗୋଟିକୁ) | ୩,୦୦୦.୦୦ |
| ୨. ମାଛମାନଙ୍କର ସନ୍ତୁଳିତ ଆହାର ୨୦୦କିଗ୍ରା/ବର୍ଷକୁ | ୪,୦୦୦.୦୦ |
| ୩. ଛୋଟ ବଡ଼ ଜାଲ ଓ ଅନ୍ୟାନ୍ୟ ସରଞ୍ଜାମ | ୧,୫୦୦.୦୦ |
| ୪. ବିଦ୍ୟୁତ୍ ଖର୍ଚ୍ଚ ଟ.୨୫୦.୦୦/ମାସକୁ x ୧୨ମାସ | ୩,୦୦୦.୦୦ |
| ୫. ପ୍ରଜନନ ପାଇଁ ବ୍ୟବହୃତ ପ୍ଲାଷ୍ଟିକ ଜାଲଘର/ଜାଲି ୨୦ଟି ୩୦ ଟଙ୍କା ହିସାବରେ | ୬୦୦.୦୦ |
| ୬. ଲୋକମଜୁରୀ ମାସିକ୧୦୦୦/-x୧୨ ମାସ | ୧୨,୦୦୦.୦୦ |
| **ମୋଟ** | **୨୬,୧୦୦.୦୦** |

## ଆୟବ୍ୟୟର ଅଟକଳ

ଅନ୍ୟାନ୍ୟ ମାଛ ବା ଚିଙ୍ଗୁଡ଼ି ଚାଷ ପାଇଁ ଯେତେ ଅଧିକା ପୋଖରୀ ବା ସ୍ଥାନର ଆବଶ୍ୟକ ପଡ଼େ ରଙ୍ଗୀନ୍ ମାଛ ଚାଷ ପାଇଁ ତାହା ଦରକାର ହୁଏନାହିଁ। ନିଜ ଘର ଅଗଣାରେ କିମ୍ବା ସାମାନ୍ୟ ଛାଇ ଥିବା ବାଡ଼ି ବଗିଚାରେ ଅତି କମ୍‌ରେ ୪୦୦-୧୦୦୦ ବର୍ଗ ଫୁଟ ସ୍ଥାନ ମଧ୍ୟରେ ଛୋଟ ଛୋଟ ସିମେଣ୍ଟ କୁଣ୍ଡ କରି ଏମାନଙ୍କର ପ୍ରଜନନ ଓ ଚାଷ କରାଯାଇ ପାରିବ। ଏଥିପାଇଁ ମଧ୍ୟ ଅଧିକ ଅର୍ଥ ବ୍ୟୟ କରିବାକୁ ପଡ଼ିନଥାଏ। ଅତି କମ୍‌ରେ ୨୦,୦୦୦-୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏହି ଚାଷ ପାଇଁ ଖର୍ଚ୍ଚ କରିପାରିଲେ ଏବଂ ବ୍ୟବସାୟିକ ଭିତ୍ତିରେ ବୈଜ୍ଞାନିକ ଚାଷ ପ୍ରଣାଳୀ ଅନୁସରଣ କଲେ ଜଣେ ଚାଷୀ ମାସିକ ୫,୦୦୦-୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ କରିପାରିବେ।

## ଛୁଆ ଜନ୍ମ କରୁଥିବା ରଙ୍ଗୀନ ମାଛର ଆୟ-ବ୍ୟୟ

### କ) ସ୍ଥାୟୀ ବା ଉନ୍ନୟନ ଖର୍ଚ୍ଚ

| | |
|---|---|
| ୧. ଜମି (୫୦୦ ବର୍ଗଫୁଟ) | - |
| ୨. ନଡ଼ା ଛପର ଘର (ବାଉଁଶ, ବତା, ନଡ଼ା)୫୦୦ ବର୍ଗଫୁଟ | ଟ.୧୦,୦୦୦.୦୦ |
| ୩. ପ୍ରଜନନ ସିମେଣ୍ଟ କୁଣ୍ଡ (୬ x ୩ x ୧.୫ ଫୁଟ) | |
| ଟ.୨,୫୦୦ ହିସାବରେ ୪ଟି | ଟ.୧୦,୦୦୦.୦୦ |
| ୪. ପ୍ରଜନନକ୍ଷମ ମାଛମାନଙ୍କ ସିମେଣ୍ଟ କୁଣ୍ଡ (୬ x ୪ x ୨ ଫୁଟ) | |
| ଟ.୨,୮୦୦ ହିସାବରେ ୪ଟି | ଟ.୧୧,୨୦୦.୦୦ |
| ୫. ଛୁଆଙ୍କ ଲାଳନପାଳନ କୁଣ୍ଡ (୪x୧.୫x୧.୫ ଫୁଟ) | |
| ଟ.୧,୦୦୦ ହିସାବରେ ୧୦ଟି | ଟ.୧୦,୦୦୦.୦୦ |
| ୬. ବୋର୍‌ୱେଲ, ୧ ଏଚ୍.ପି. ପମ୍ପସେଟ୍ ଓ ବୈଦ୍ୟୁତିକରଣ | ଟ.୧୦,୦୦୦.୦୦ |
| ୭. ଅମ୍ଳଜାନ ସିଲିଣ୍ଡର ଓ ଅନ୍ୟାନ୍ୟ ଉପକରଣ | ଟ.୫,୦୦୦.୦୦ |
| ୮. ବୈଦ୍ୟୁତିକରଣ ଓ ସରଞ୍ଜାମ | ଟ.୨,୦୦୦.୦୦ |
| (ତାର, ବଲବ୍ ଓ ୱେରିଙ୍ଗ୍ ଇତ୍ୟାଦି) | |
| **ମୋଟ** | **ଟ.୫୮,୨୦୦.୦୦** |

## ଖ) ପୌନଃପୁନିକ ଖର୍ଚ୍ଚ:

| | |
|---|---|
| ୧. ମାଛ (ମୋଲି, ସୋର୍ଡଟେଲ୍, ପ୍ଲାଟି ଓ ଗପି) ୮୦୦ଟି ପ୍ରଜନନକ୍ଷମ ମାଇ ଓ ୨୦୦ଟି ପୁରୁଷ ମାଛ ଟ.୩.୦୦ (ଗୋଟିକୁ) | ଟ.୩,୦୦୦.୦୦ |
| ୨. ମାଛମାନଙ୍କର ସନ୍ତୁଳିତ ଆହାର ୨୦୦କିଗ୍ରା/ବର୍ଷକୁ | ଟ.୪,୦୦୦.୦୦ |
| ୩. ଛୋଟ ବଡ଼ ଜାଲ ଓ ଅନ୍ୟାନ୍ୟ ସରଞ୍ଜାମ | ଟ.୧,୫୦୦.୦୦ |
| ୪. ବିଦ୍ୟୁତ୍ ଖର୍ଚ୍ଚ ଟ.୨୫୦.୦୦/ମାସକୁ x ୧୨ମାସ | ଟ.୩,୦୦୦.୦୦ |
| ୫. ପ୍ରଜନନ ପାଇଁ ବ୍ୟବହୃତ ପ୍ଲାଷ୍ଟିକ ଜାଲଘର/ଜାଲି ୨୦ଟି ୩୦ ଟଙ୍କା ହିସାବରେ | ଟ.୬୦୦.୦୦ |
| ୬. ଲୋକମଜୁରୀ ମାସିକ୧୦୦୦/-x୧୨ ମାସ | ଟ.୧୨,୦୦୦.୦୦ |
| **ମୋଟ** | **ଟ.୨୬,୧୦୦.୦୦** |

## ଗ) ସର୍ବମୋଟ ଖର୍ଚ୍ଚ:

| | |
|---|---|
| ୧. ପୌନଃପୁନିକ ଖର୍ଚ୍ଚ | ଟ.୨୬,୧୦୦.୦୦ |
| ୨. ଉନ୍ନୟନ ଖର୍ଚ୍ଚ ଉପରେ ୧୪% ବାର୍ଷିକ ସୁଧ | ଟ.୮,୧୪୮.୦୦ |
| ୩. ପୌନଃପୁନିକ ଖର୍ଚ୍ଚ ଉପରେ ୧୪% ସୁଧ (୬ ମାସକୁ) | ଟ.୧,୮୨୭.୦୦ |
| ୪. ଡେପ୍ରିସିଏସନ୍ (ସ୍ଥାୟୀ ଖର୍ଚ୍ଚର ୨୦%) | ଟ.୧୧,୬୪୦.୦୦ |
| **ମୋଟ** | **ଟ.୪୭,୭୧୫.୦୦** |

## ଘ) ସର୍ବମୋଟ ଆୟ (ମାଛ ବିକ୍ରିରୁ):

୧. ୮୦୦ ମାଇ ମାଛରୁ ଉତ୍ପାଦିତ୮୬,୪୦୦ ଛୁଆ (ଦୁଇମାସ ଲାଳନ ପାଳନ କଲାପରେ) ପ୍ରତ୍ୟେକ ମାଛକୁ ଅତି କମ୍‌ରେ୧ଟଙ୍କା ହିସାବରେ ସମୁଦାୟ ମାଛ ଯାଆଁଳର ଉତ୍ପାଦନ (୪୦ଟି ଛୁଆ/ମାଇମାଛ/ ଥରକେ) ପ୍ରତିମାଛ ବର୍ଷକୁ ଅତି କମ୍‌ରେ ୩ଥର କରାଇ ପାରିଲେ ଓ ୯୦% ବଞ୍ଚିରହିଲେ। ଟ.୮୬,୪୦୦.୦୦



**ଙ) ବାର୍ଷିକ ଲାଭ:**

(ସର୍ବମୋଟ ଆୟ-ସର୍ବମୋଟ ଖର୍ଚ୍ଚ) ଟ.୪୦,୫୭୧.୦୦

୮୬,୪୦୦.୦୦-୪୫,୮୨୯.୦୦

ମାସିକ ଲାଭ ଟ.୪୦,୫୭୧.୦୦ / ୧୨ ଟ. ୩,୩୮୦.୦୦

**ଆନୁମାନିକ ମାସିକ ଲାଭ ଟ.୩,୦୦୦/-**

(ଉପରୋକ୍ତ ଉଦାହରଣ ସବୁ ସ୍ଥାନ ଓ ଅନ୍ୟ ପ୍ରଜାତି ରଙ୍ଗୀନ ମାଛମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ବ୍ୟବହୃତ ପଦାର୍ଥର ଆନୁମାନିକ ମୂଲ୍ୟ ଦର୍ଶାଯାଇଛି।)









